## ସଂକ୍ଷେପରେ

### ନୂତନ କଲେଜ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ରାଇକିଆ,୧ ।୬ (ପ୍ରଦୀପ ବେହେରା) ରାଇକିଆ ଜୀବନ ଜ୍ୟୋତି ମହା ବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ପ୍ରଫେସର ପ୍ରଭାକର ରାଜୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶୁକ୍ରବାର ପୂର୍ବତନ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁ ଅବସର ଗ୍ରହଣ କରିଥିଲେ। ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ କ୍ରମେ ରାଜୁ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ ହୋଇଛନ୍ତି। ଶନିବାର କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

### ଯୁବକଙ୍କ ଆତ୍ମହତ୍ୟା

ଜି.ଉଦୟଗିରି,୧।୬(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସହରର ଲକ୍ଷ୍ମୀବଜାର ସାହିର ଜଣେ ଯୁବକ ଶୁକ୍ରବାର ରାତିରେ ବେକରେ ଗାମୁଛା ବାନ୍ଧି ଘର ଦୁଲାରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପବିତ୍ର ପ୍ରସାଦ ପଣ୍ଡା। ସେ ବିବାହ, ବ୍ରତ ଆଦିରେ ରୋଷେୟା କାମ କରୁଥିଲେ। ଜି.ଉଦୟଗିରି ପୋଲିସ ପବିତ୍ରଙ୍କ ବିଧବା ମା'ଙ୍କ ଏତଲା ଅନୁଯାୟୀ ଅପମୃତ୍ୟୁ ମାମଲା ନଂ.୬/୨୪ ରୁଜୁ କରି ଘଟଣାର ତଦନ୍ତ କରୁଛି।

### ଗିରଫ ହେଲେଣି ୧୧୫ ଅସାମାଜିକ ବ୍ୟକ୍ତି

ଛତ୍ରପୁର,୧।୬(ସନ୍ତୋଷ ପାଢୀ)

ଗଞ୍ଜାମ ପୋଲିସ ଜିଲାରେ ଅପରାଧ ରୋକିବା ଏବଂ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ ପାଇଁ ସ୍ପେଶାଲ ଡ୍ରାଇଭ ଚାଲିଛି। ଗତ ୧୦ ଦିନ ମଧ୍ୟରେ ଏହି ପୋଲିସ ଜିଲା ଅଧିନ ବିଭିନ୍ନ ଥାନା ପକ୍ଷରୁ ୧୧୫ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ ଜିଲା ମତଦାନ ଏବଂ ପରେ କିଛି ସ୍ଥାନରେ ହିଂସା ଦେଖାଦେଇଥିଲା । ୪ ତାରିଖରେ ଭୋଟ ଗଣତି ହେବ । ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଉଛି । ଏସ୍‌ଡିପିଓମାନେ ଏହାର ନେତୃତ୍ୱ ନେଉଛନ୍ତି। ଖଲ୍ଲିକୋଟ ଓ ଭଞ୍ଜନଗର ଥାନା ଅଞ୍ଚଳରେ ହୋଇଥିବା ଫ୍ଲାଗ ମାର୍ଚ୍ଚରେ ଏସ୍‌ପି ଜଗମୋହନ ମୀନା ମଧ୍ୟ ସାମିଲ ହୋଇଥିଲେ। ରାତି ସାଢେ ୮ଟାରେ ଚା, ଢାବା ଓ ମଦ ଦୋକାନ ବନ୍ଦ କରାଯାଉଛି।

### ସଡ଼କ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ



ପାରଳାଖେମୁଣ୍ଡି,୧।୬ (ଗିରିଧାରୀ ପରିଚ୍ଛା):-ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ କେସିପୁରୁ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏଲ୍. ନିରଞ୍ଜନଙ୍କ ଶନିବାର ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ପାରଳାଖେମୁଣ୍ଡି ସହର କାଚରା ସାହିର ବାସିନ୍ଦା ଏଲ୍. ନିରଞ୍ଜନ ସକାଳେ ନିଜ କର୍ମକ୍ଷେତ୍ର କେସିପୁରୁ ଉଚ୍ଚ ବିଦ୍ୟାଳୟକୁ ଯାଉଥିବା ବେଳେ ଜାଙ୍ଗଲ ଛକ ନିକଟରେ ଏକ କମାଣ୍ଡର ସହ ତାଙ୍କ ବାଇକ୍ ଧକ୍କା ହୋଇଥିଲା। ଫଳରେ ଶିକ୍ଷକ ଜଣକ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଏହା ଜାଣିବା ପରେ ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଶୋକ ପ୍ରକାଶ କରିଛନ୍ତି।

# କାଳ ବୈଶାଖୀ, ଘଛପଡ଼ି ଭାଙ୍ଗିଲା ଘର







ଦାରିଙ୍ଗବାଡି/ଫିରିଙ୍ଗିଆ,୧।୬ (ଅରୁଣ ସାହୁ/ବିକ୍ରମ ଦିଗାଲ)

## ଖୁଣ୍ଟ ଭାଙ୍ଗିବାରୁ ବିଦ୍ୟୁତ୍ ସେବା ଠପ୍

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଶନିବାର ଅପରାହ୍ନରେ କାଳ ବୈଶାଖୀର ତାଣ୍ଡବ ରଚିଛି। ଉକ୍ତ ବ୍ଲକର ପର୍ଡ଼ମାହା ପଞ୍ଚାୟତ ସମେତ ସିମନବାଡି, କିରିକୁଟି, ତିଲୋରୀ, ଶ୍ରାନିକେତା, ଦାରିଙ୍ଗବାଡି ଆଦି ଏକାଧିକ ପଞ୍ଚାୟତରେ ଏହି ଘର ଛପର ସହ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଛି। ପର୍ଡ଼ମାହା ପଞ୍ଚାୟତରେ ଏକାଧିକ ଲୋକଙ୍କ ଆଜବେଷ୍ଟ ଉଡ଼ିବା ସହ ଘର ଭାଙ୍ଗିଯାଇଛି। ସେହିପରି ଉକ୍ତ ବ୍ଲକକୁ ସଂଯୋଗ କରୁଥିବା ୩୩ କେଭି ଓ ୧୧ କେଭି ବିଦ୍ୟୁତ ସେବା ଠପ ହୋଇଯାଇଛି। ଏକାଧିକ ସ୍ଥାନରେ ବିଦ୍ୟୁତ ଖୁଣ୍ଟ ଉପୁଡିଯିବା ସହ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବନ୍ଦ ଅଛି। ସିମନବାଡି ଅଞ୍ଚଳରେ ଦୀର୍ଘ ସମୟ ଧରି ଘଡ଼ଘଡ଼ି, ବିଜୁଳି, ପବନ ସହ କୁଆ ପଥର ସହ ବର୍ଷା ହୋଇଥିଲା। ବିଭିନ୍ନ ସ୍ଥାନରେ କ୍ଷୟ କ୍ଷତି ଖବର ଶୁଣି ଦାରିଙ୍ଗବାଡି ତହସିଲଦାର ଶରତ ଶବର ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପ୍ରବଳ ବର୍ଷା ହୋଇଥିଲେ ସୁଦ୍ଧା ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ତାପମାତ୍ରା ସନ୍ଧ୍ୟା ସୁଦ୍ଧା ୨୮ ଡିଗ୍ରୀ ରହିଥିବା ବେଳେ ଆଦ୍ରତା ୭୨ ପ୍ରତିଶତ ରହିଛି। ଫଳରେ ଗୁଳୁଗୁଳିରେ ଅଞ୍ଚଳବାସୀ ହନ୍ତସନ୍ତ ହୋଇପଡିଛନ୍ତ। ତେଣୁ ବିଦ୍ୟୁତ୍ ସେବା ଶୀଘ୍ର ମରାମତି କରି ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସେହିପରି ଫିରିଙ୍ଗିଆ ବ୍ଲକ ବିଭିନ୍ନ ଗାଁରେ କାଳବୈଶାଖୀ ପ୍ରଭାବରେ ବ୍ୟାପକ କ୍ଷୟ କ୍ଷତି ହୋଇଛି। ଫିରିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଶଶିପଦର ଗାଁରେ ନିରଞ୍ଜନ ବେହେରାଙ୍କ ଘରେ ଦୁଇଟି ବିଶାଳ ଶାଳ ଗଛ ପଡ଼ି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଏଥିରେ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିଲେ ମଧ୍ୟ ନିରଞ୍ଜନଙ୍କ ସାନପୁଅ ଶୁଭଙ୍କର (୧୭)ଙ୍କୁ ମୁଣ୍ଡରେ ଓ ଗୋଡ଼ ରେ ଆଘାତ ହୋଇଛି। ଗୋଟିଏ ଘରେ ୬ ଜଣ ରହୁଥିବା ବେଳେ ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହେଇଯାଇଛି। ପଡ଼ୋଶୀ ସସିନ୍ଦ୍ର ଦିଗାଲଙ୍କ ମଧ ଦୁଇ ବାଖରା ନଷ୍ଟ ହୋଇଯାଇଛି। ଫିରିଙ୍ଗିଆ ଅଂଗ୍ନିସମ ବାହିନୀ ଆସି ଜେଶିବି ସାହାଯ୍ୟରେ ଗଛ କଟାଯାଇ ବାହାର କରାଗଲା। ଫିରିଙ୍ଗିଆ ଆରଆଇ ଶୁଭଦର୍ଶିନି ମହାରଣା ପହଞ୍ଚି କ୍ଷୟକ୍ଷତି ଆକଳନ କରି ଜରି ପଲିଥିନ ଯୋଗେଇ ଦେଇଛନ୍ତି। ପୂର୍ବରୁ ଏହି ଗଛ ଓ ପାଖରେ ଥିବା ଶୁଖିଲା ଗଛ କାଟିବା ପାଇଁ ଧରିତ୍ରୀ ପ୍ରକାଶ ପାଇଥିଲେ ମଧ୍ ପୂର୍ତ୍ତ ବିଭାଗ ଓ ବନବିଭାଗ ଏଥିପ୍ରତି ଦୃଷ୍ଟି ନ ଦେବାରୁ ଏଭଳି ଘଟିଥିବା ଲୋକେ କହିଛନ୍ତି।

# ଟାଙ୍ଗିଆ ଚୋଟରେ ବାପା ମୃତ୍ୟୁ ଘଟଣା, ପୁଅ କୋର୍ଟ ଚାଲାଣ

ଖଜୁରିପଡ଼ା,୧।୬(ବିଦୁର ବେହେରା)

ଫୁଲବାଣୀ ସଦର ଥାନା ଅନ୍ତର୍ଗତ ସୁଡ୍ରୁକୁମ୍ପା ଫାଣ୍ଡି ଅଧୀନ କାକେନ୍ଦ୍ରି ଗାଁରେ ଗତ ବୁଧବାର ନିଶାସକ୍ତ ହୋଇ ବୋହୂ ସହିତ ଗଣ୍ଡଗୋଳ କରିବାରୁ ପୁଅର ଟାଙ୍ଗିଆ ଚୋଟରେ ବାପା ବାରୁଣୀ ଗଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଶନିବାର ପୋଲିସ ଅଭିଯୁକ୍ତ ପୁଅକୁ କୋର୍ଟ ଚାଲାଣ କରିଛି। ସେ ହେଲେ ରୋହିତ ଗଣ୍ଡା। କାକେନ୍ଦ୍ରି ଗାଁର ବାରୁଣୀ ନିଶାସକ୍ତ ହୋଇ ନିଜ ବୋହୂ ସାଙ୍ଗରେ ପାଟିତୁଣ୍ଡ କରିଥିଲେ । ଏହାକୁ ବାରୁଣୀଙ୍କ ପୁଅ ରୋହିତ ପ୍ରତିବାଦ କରିଥିଲେ। ଏଥିରେ ବାରୁଣୀ ରାଗିଯାଇ ରୋହିତ ଗଣ୍ଡାଙ୍କୁ ଏକ ଧାରୁଆ ଟାଙ୍ଗିଆରେ ହାଣିବା ପାଇଁ ଗୋଡ଼ାଇ ଥିଲେ। ଗୋଡାଗୋଡି ଭିତରେ ରୋହିତ ଟାଙ୍ଗିଆକୁ ଛଡାଇ ନେଇ ସେହି ଟାଙ୍ଗିଆରେ ବାପାଙ୍କୁ ହାଣି ପକାଇଥିଲେ । ଫଳରେ ଘଟଣାସ୍ଥଳରେ ହିଁ ବାରୁଣୀଙ୍କ ମୃତ୍ୟୁ ଘଟିଥିଲା। ଘଟଣା ପରେ ରୋହିତ ଗଣ୍ଡା ଫେରାର ହୋଇଯାଇଥିଲେ। ଏ ନେଇ ମୃତକଙ୍କ ଝିଅ କଳ୍ପନା ତାଙ୍କ ବାପାଙ୍କୁ ରୋହିତ ହତ୍ୟା କରିଥିବା ନେଇ ଫୁଲବାଣୀ ସଦର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ନଂ. ୯୬/୨୪ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଶନିବାର ସକାଳୁ କକେନ୍ଦ୍ରୀରୁ ହତ୍ୟାକାରି ରୋହିତକୁ ପୋଲିସ ଗିରଫ କରିଥିଲା।

# ଗଞ୍ଜାମର ୪ ସ୍ଥାନରେ ହେବ ଭୋଟ ଗଣତି

ଛତ୍ରପୁର,୧।୬(ସନ୍ତୋଷ ପାଢୀ)

ଗଞ୍ଜାମ ଜିଲାରେ ଆସନ୍ତା ୪ ତାରିଖରେ ଭୋଟ ଗଣତି ହେବ । ଏଥିଲାଗି ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗଣତି ଏଜେଣ୍ଟ ସମ୍ପର୍କରେ ତଥ୍ୟ ଓ କାଗଜପତ୍ର ପ୍ରାର୍ଥୀମାନଙ୍କୁ ମଗାଯାଇଛି । ଜିଲାର ୪ଟି ସ୍ଥାନରେ ଭୋଟ ଗଣତି କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ୪ ତାରିଖ ସକାଳ ୮ ଟାରୁ ଭୋଟ ଗଣତି ହେବ । ଭଞ୍ଜନଗରସ୍ଥିତ କେଏସୟୁବି କଲେଜରେ ଆସିକା, ଭଞ୍ଜନଗର ଓ ସୋରଡା କ୍ଷେତ୍ରର ଭୋଟ ଗଣତି ହେବ । ସେହିପରି ବ୍ରହ୍ମପୁରସ୍ଥିତ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଠାରେ ଚିକିଟି କ୍ଷେତ୍ରର ଭୋଟ ଗଣତି ହେବାକୁ ଥିବା ବେଳେ ପଲିଟେକନିକ୍‌ଠାରେ ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ସାନଖେମୁଣ୍ଡି କ୍ଷେତ୍ରର ଭୋଟ ଗଣତି ହେବ। ଛତ୍ରପୁରସ୍ଥିତ ଅନସ୍ଲୋ ସରକାରୀ ହାଇସ୍କୁଲଠାରେ କବିସୂର୍ଯ୍ୟନଗର, ଖଲ୍ଲିକୋଟ, ପୋଲସରା, ହିଞ୍ଜିଳି ଓ ଛତ୍ରପୁର କ୍ଷେତ୍ରର ଭୋଟ ଗଣତି ହେବ। ଜିଲାରେ ମେ ୧୩ ଓ ୨୦ ତାରିଖରେ ମତଦାନ ହୋଇଥିଲା । ମତଦାନ ପରେ ଇଭିଏମ୍‌ଗୁଡିକ ଷ୍ଟ୍ରଙ୍ଗରୁମ୍‌ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି । ବାହାରେ ତାର ପ୍ରସାରଣ ହେଉଛି। ପ୍ରାର୍ଥୀମାନେ ବାହାରେ ଏହାକୁ ଦେଖିବା ସହ ଜଗି ବସିଛନ୍ତି ।

### ସାପ କାମୁଡ଼ାରେ ଚିକିତ୍ସାଧୀନ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି,୧ ।୬(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଗଡଗୋବିନ୍ଦପୁର ପଞ୍ଚାୟତ କଳିଙ୍ଗଦଳା ଗ୍ରାମର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ର ଓମ ପାଣିଗ୍ରାହୀ (୧୩)ଙ୍କ ସାପ କାମୁଡ଼ାରେ ଶନିବାର ମୃତ୍ୟୁ ଘଟିଛି। କଳିଙ୍ଗଦଳା ଗ୍ରାମର ମହେଶ୍ୱର ପାଣିଗ୍ରାହୀଙ୍କ ପୁଅ ଓମ ଆନ୍ଧ୍ରପ୍ରଦେଶର ଭଗାବେଣୀ ଗ୍ରାମରେ ନିଜ ମାମୁଁ ଘରେ ରହି ପାଠ ପଢୁଥିଲେ। ଗୁରୁବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ଏକ ସାପ ତାଙ୍କୁ କାମୁଡ଼ି ଦେଇଥିଲା। ଓମଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ନିକଟସ୍ଥ ସୋମପେଟା ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ। ପରେ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଶନିବାର ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ ଟାରେ ଚିକିତ୍ସାଧୀନ ଅବସ୍ଥାରେ ଓମଙ୍କ ମୃତ୍ୟୁ ଘଟିଥିଲା ।ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ପୋଖରୀ ପଙ୍କ ରାସ୍ତାରେ ପଡିବାରୁ ଉତ୍ତେଜନା



ରାସ୍ତାରେ ପଡ଼ିଥିବା କାଦୁଅ।

ଗଞ୍ଜାମ,୧।୬(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ବିଭିନ୍ନ ପୋଖରୀରୁ ପଙ୍କ ଖୋଳା କାର୍ଯ୍ୟ ଚାଲୁ ରହିଛି। ଶନିବାର ଗଞ୍ଜାମ ଏନ୍‌ଏସି ପ୍ରଶାସନ ପକ୍ଷରୁ କଲେଜ ରୋଡଠାରେ ଥିବା ଦାସ ବନ୍ଧରୁ ବାହାର କରାଯାଇଥିବା ପଙ୍କ ଜୟଶ୍ରୀ ଛକ ସ୍ଥିତ ସେଲ୍ଲି ପଏଣ୍ଟରେ ଟ୍ରାକ୍ଟର ସାହାର୍ଯ୍ୟରେ ପକାଯାଉଥିଲା। ଏନ୍‌ଏସି ଟ୍ରାକ୍ଟର ସହ ଆଉ କିଛି ଟ୍ରାକ୍ଟର ମଧ୍ୟ ଉକ୍ତ କାର୍ଯ୍ୟରେ ନିୟୋଜିତ ଥିଲା। ଜେସିବି ମେଶିନ ଦ୍ୱାରା କାଦକୁ ଟ୍ରାକ୍ଟରରେ ଲୋଡ଼ କରାଯାଇ ସେଲ୍ଲି ପଏଣ୍ଟରେ ପକାଯାଉଥିଲା। ଦିନ ତମାମ ଉକ୍ତ କାର୍ଯ୍ୟ ଜାରି ରହିଥିଲା। କିନ୍ତୁ ଟ୍ରାକ୍ଟରରେ କାଦୁଅ ଓଭର ଲୋଡ଼ ଯୋଗୁ ସହରର ରାସ୍ତା ସାରା ପଡି ପଡି ପୁରା ଖରାପ ହୋଇଯାଇଥିଲା। ଏ ନେଇ ସନ୍ଧ୍ୟାରେ ଉକ୍ତ ଘଟଣାକୁ ନେଇ କିଛି ସମୟ ଉତ୍ତେଜନା ଦେଖାଦେଇଥିଲା। ଫଳରେ ଏନଏସି ପ୍ରଶାସନ ପକ୍ଷରୁ ପୁଣି ଜେସିବି ଦ୍ୱାରା ରାସ୍ତାରୁ କାଦ ବାହାର କରାଯିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଅନ୍ୟ ପଟେ ଆଉ କିଛି ପୋଖରୀରୁ ପଙ୍କ ଉଦ୍ଧାର ଆଳରେ ମାଟି ପ୍ରାଇଭେଟ ଜାଗାକୁ ବିକ୍ରି କରାଯାଇଥିବା ଅଭିଯୋଗ ହୋଇଛି। ରାତି ରାତି ଜେସିବି ଦ୍ୱାରା କିଛି ମାଟି ମାଫିଆ ପୋଖରୀ ହୁଡ଼ାରୁ ମାଟି ନେଇ ବିକ୍ରି କରିଥିବା ଆଲୋଚନା ହେଉଛି। ଏନେଇ ସାନିଟେସନ ଏକ୍ସପଟ ଏନ ନୋମେଶ କୁମାରଙ୍କୁ ପଚାରିବାରେ ସରକାରୀ ଜାଗାରେ ପଙ୍କ ଗୁଡିକ ପଡୁଥିଲା। ଆସିଲା ବେଳେ ରାସ୍ତାରେ ଯେଉଁ ପଙ୍କ ପଡୁଥିଲା ଏବଂ ଲୋକ ଅଭିଯୋଗ କରିବା ପରେ ମେନ ରୋଡ଼ରୁ ତାହା ବାହାର କରାଯାଇଛି। ରବିବାର ମାଛ ମାର୍କେଟ ରୋଡ଼ରେ ପଡ଼ିଥିବା ପଙ୍କ ବାହାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଲୋକଙ୍କ ଜୀବନ ସହ ଖେଳୁଛି ଜିଲା ସ୍ୱାସ୍ଥ୍ୟ ବିଭାଗ

ଫୁଲବାଣୀ, ୧।୬ (ରାକେଶ କୁମାର ରାଉତ)

ସରକାରଙ୍କ ନିୟମ ଅନୁସାରେ ୧୫ ବର୍ଷ ପୁରିଥିବା କିମ୍ବା ୨ଲକ୍ଷ ୫୦ ହଜାର କିଲୋମିଟର ଚାଲିଥିବ ଗାଡ଼ି ଗୁଡ଼ିକୁ ସ୍କାର୍ପ ପଲିସ ଅନୁଯାଇ ଗଣତି କରାଯିବ। ସେହି ଗାଡ଼ି ଗୁଡ଼ିକ ଆଉ ସରକାରୀ ଅଫିସରେ ଚାଲି ପାରିବ ନାହିଁ। କେନ୍ଦ୍ର ସରକାରଙ୍କ ପରିବହନ ଓ ରାଜ୍ୟ ରାଜପଥ ନିୟମ ୧୬ ଜାନୁୟାରୀ ୨୦୨୩ ଅନୁସାରେ ଏହା କଡ଼ାକଡ଼ି କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଗତ ୩୦ ଜାନୁୟାରୀ ୨୦୨୩ରେ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ଏ ନେଇ ଚିଠି ମଧ୍ୟ କରାଯାଇଛି। ଏହା ସତ୍ତ୍ୱେ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଏହି ନିୟମକୁ ଅଣଦେଖା କରାଯାଉଛି। ୧୫ ବର୍ଷ ପୁରି ଯାଇଥିବା (ଓଆର ୧୨- ୭୨୭୬), (ଓଆର ୦୫ ଜେ- ୨୩୯୭), (ଓଆର ୧୨- ୫୭୭୩) ଗାଡ଼ି ଗୁଡ଼ିକୁ ରି ରେଜିଷ୍ଟ୍ରେଶନ କରାଯାଇ କାମରେ ଲଗାଯାଇଛି। ସବୁ ଜାଣି ମଧ ଜିଲା ସ୍ୱାସ୍ଥ୍ୟ ବିଭାଗ ଏସବୁ କାରନାମା କରିଛି। ଯାହା ତଦନ୍ତ ସାପେକ୍ଷ। ଏହା ପଛରେ ପିସି କାରବାର ନା ଏହି ଗାଡିରେ ତେଲ ଏବଂ ମେଣ୍ଟେନାନ୍ସ ଦେଖାଯାଇ ଉକ୍ତ ଟଙ୍କାଙ୍କୁ ବାଟ ମରଣା କରାଯାଉଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟପରିବାର କଲ୍ୟାଣ ବିଭାଗ ଏ ନେଇ ବାରମ୍ବାର ଚିଠି କରିଥିଲେ ମଧ ଉକ୍ତ ଚିଠି ଗୁଡ଼ିକୁ ଅଣ ଦେଖା କରାଯାଇ ଏପରି ବେ ନିୟମ କାର୍ଯ୍ୟ କରାଯାଇଛି। ସବୁଠୁ ବଡ କଥା ହେଲା ଏହି ଗାଡ଼ି ଗୁଡ଼ିକ କିପରି ଜିଲା ପରିବହନ ବିଭାଗରେ ରେଜିଷ୍ଟ୍ରେସନ ହୋଇଛି । ଯଦି ରି ରେଜିଷ୍ଟ୍ରେସନ ପୂର୍ବରୁ ହୋଇଛି, ତାହା ହେଲେ ନିୟମ ଅନୁସାରେ କାହିଁକି ଏହାକୁ ରଦ୍ଦ କରାଯାଇନାହିଁ । ୨୦୨୩ ଜାନୁୟାରୀରୁ ୨୦୨୪ ମେ ଯାଏ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏହି ଗାଡ଼ି ଗୁଡ଼ିକୁ ସ୍କାର୍ପିଂ ପାଇ ଚିଠି କରିଥିଲେ ସୁଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଅଣ ଦେଖା କରି ଲୋକଙ୍କ ଜୀବନ ସହିତ ଖେଳୁଛି। ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବରିଷ୍ଠ ଆଇନିଜିବୀ ସତ୍ୟନାରାୟଣ ବେହେରା ଜିଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ କରିଛନ୍ତି।





୧୫ ବର୍ଷରୁ ଉର୍ଦ୍ଧ୍ୱ ଗାଡ଼ି।

### କୁକୁର କାମୁଡ଼ାରେ ବୃଦ୍ଧା ଗୁରୁତର

ବୁଗୁଡ଼ା,୧।୬(କାଳିଚରଣ ଦାଶ)

ବୁଗୁଡା ବ୍ଲକ ଅନ୍ତର୍ଗତ ଅନ୍ତରପଡା ଗ୍ରାମରେ ଜଣେ ବୃଦ୍ଧା ବୁଲା କୁକୁର କାମୁଡ଼ାରେ ଗୁରୁତର ହୋଇଛନ୍ତି। ସେ ହେଲେ ରଙ୍ଗବତୀ ସେଠୀ(୭୦)। ଶନିବାର ମଧ୍ୟାହ୍ନରେ ରଙ୍ଗବତୀ କବାଟ ଖୋଲି ଘରେ ଶୋଇଥିଲେ। ଏହି ସମୟରେ ଏକ ବୁଲା କୁକୁର ଘରେ ପଶି ତାଙ୍କୁ ଆକ୍ରମଣ କରି ମୁଣ୍ଡକୁ ବାରମ୍ବାର କାମୁଡି ଲହୁ ଲୁହାଣ କରିଦେଇଥିଲା। ବୃଦ୍ଧା ଚିତ୍କାର କରିବାରୁ କୁକୁରଟି ଚାଲି ଯାଇଥିଲା। ବୃଦ୍ଧାଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

# ରେଳଷ୍ଟେଶନରେ ଭୁଲ୍ ସୂଚନା ପାଇଁ ଯାତ୍ରୀ ହୀନସ୍ତା

ଛତ୍ରପୁର,୧।୬(ସନ୍ତୋଷ ପାଢ଼ୀ):

ଛତ୍ରପୁର ବଡ଼ ରେଳ ଷ୍ଟେଶନରେ ରେଳଗାଡ଼ି କେତେ ନଂ. ପ୍ଲାଟଫର୍ମରେ ପହଞ୍ଚିବ ଓ ବଗିର (କୋଚ) ସୂଚନା ଟ୍ରେନ ପହଞ୍ଚିବାର କିଛି ସମୟ ପୂର୍ବରୁ ମାଇକ୍‌ରେ ଘୋଷଣା ସହ ଡିସ୍‌ପ୍ଲେ ବୋର୍ଡ ସୂଚନା ଦିଆଯାଏ। ଏହାଦ୍ୱାରା ଯାତ୍ରୀମାନେ ସେମାନଙ୍କ ଲଗେଜ ସହ ନିର୍ଦ୍ଧାରିତ ସ୍ଥାନରେ ଗାଡ଼ିକୁ ଅପେକ୍ଷା କରିଥାନ୍ତି। ଶନିବାର ଗାନ୍ଧୀଧାମ ନଂ ୨୨୯୭୭୪ ସାପ୍ତାହିକ ଟ୍ରେନ୍‌ର ଛତ୍ରପୁର ଷ୍ଟେଶନରେ ବଗି ସ୍ଥିତି ସମ୍ପର୍କରେ ଘୋଷଣା ସହ ଡିସପ୍ଲେରେ ସୂଚନା ଦିଆଯାଇଥିଲା। କିନ୍ତୁ ପୁଣି ଷ୍ଟେଶନରେ ଗାଡ଼ି ପହଞ୍ଚିବା ସମୟରେ ବଗିର ସ୍ଥିତି ବଦଳାଇ ସୂଚନା ଦିଆଯାଇଛି। ଏହାଦ୍ୱାରା ସଂରକ୍ଷିତ ଟିକେଟଧାରି ଯାତ୍ରୀମାନେ ଲଗେଜ ଧରି ପ୍ଲାଟଫର୍ମରେ ପ୍ରଚଣ୍ଡ ଖରାରେ ବଗି ଖୋଜିବାରେ ଲାଗିଲେ। ବଗିରେ ଚଢିବାକୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେତେଜଣ ମହିଳା ଯାତ୍ରା ଟ୍ରେନ ଛାଡିଲା ପରେ ବିପଦପୂର୍ଣ୍ଣ ଅବସ୍ଥାରେ ଚଢୁଥିବା ଦେଖାଯାଇଥିଲା। ଧାଁ ଧଉଡ ଯୋଗୁଁ ପ୍ଲାଟଫର୍ମରେ ବହୁ ଜୋତା ପଡ଼ିରହିଥିଲା। ଏଭଳି ତ୍ରୁଟି ସଂପର୍କରେ ଘୋଷଣାକାରୀଙ୍କୁ ପଚାରିବାରୁ ସିଷ୍ଟମ୍‌କୁ ଦ୍ୱେ ଘୋଷଣା କରିଥିଲେ, ପରେ ସେ ଠିକ୍ ସୂଚନା ପ୍ରଦାନ କରିଥିବା କହିଥିଲେ। ରେଳ ବିଭାଗର ଏଭଳି ଭୁଲ ସୂଚନା ପ୍ରତି ରେଳ ବିଭାଗ ପକ୍ଷରୁ ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ହତ୍ୟା ଅଭିଯୋଗ, ଅଭିଯୁକ୍ତ ପ୍ରେମିକ ଜେଲ ଗଲେ

ଦିଗପହଣ୍ଡି,୧।୬(ଅଶେଷ ନାଥ ମିଶ୍ର)

## ମହିଳାଙ୍କ ଗଳିତ ମୃତଦେହ ଜବତ ଘଟଣା



ଅଭିଯୁକ୍ତଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପୋଲିସ କ୍ରାଇମ ରିକ୍ରିଏସନ କରୁଛି।

ଦିଗପହଣ୍ଡି ବ୍ଲକ କୁଶପଡ଼ା-ପତାଣ୍ଡ ଗ୍ରାମ ରାସ୍ତାର ତିନି ଆମ୍ବ ଛକ ନିକଟରେ ଥିବା ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ପଛପଟ ଏକ କୋଠରୀରୁ ଗତ ୨୩ରେ ଜଣେ ମହିଳାଙ୍କ ଗଳିତ ମୃତଦେହକୁ ସ୍ଥାନୀୟ ପୋଲିସ ଜବତ କରିଥିଲା। ପ୍ରଥମେ ପୋଲିସ ନଂ.୬/୨୪ ଅନୁଯାୟୀ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲ ପଠାଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଏବଂ ପାରିପାର୍ଶ୍ୱିକ ସ୍ଥିତିରୁ ମହିଳାଙ୍କୁ ହତ୍ୟା କରାଯାଇଥିବା ଜଣାପଡିଥିଲା। ମୃତ ମହିଳାଙ୍କ ପରିଚୟ ମିଳିପାରିନଥିବା କାରଣରୁ ହତ୍ୟାକାରୀ ଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଶୁକ୍ରବାର ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି ଦିଗପହଣ୍ଡି ପୋଲିସ। ମୃତ ମହିଳା ଜଣକ ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଖମାରୀ ଗାଁ ପଞ୍ଚାୟତ ବୁରୁଡ଼ାଙ୍ଗ ଗ୍ରାମର ପାର୍ବତୀ ନାଇକ। ପାର୍ବତୀ ଜଣେ ସ୍ୱାମୀ ପରିତ୍ୟକ୍ତା । କୁଶପଡ଼ା ଗ୍ରାମ ଦଳିତ ସାହିର ବି.ବାବୁଲାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ହେବା ପରେ ଉଭୟେ ସ୍ୱାମୀ ସ୍ତ୍ରୀ ଭଳି ଚଳି ଆସୁଥିଲେ। ପାର୍ବତୀ ବାବୁଲାଙ୍କ ଘରେ ରହୁଥିଲେ। ପାର୍ବତୀ ଅନ୍ୟ କିଛି ବ୍ୟକ୍ତିଙ୍କ ସହ ଫୋନରେ ବାରମ୍ବାର କଥା ହେଉଥିବାରୁ ତାଙ୍କ ଚରିତ୍ର ଉପରେ ବାବୁଲାଙ୍କ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ଗତ ୧୩ ତାରିଖ ରାତିରେ ବାବୁଲା ପୂର୍ବଯୋଜନା ପ୍ରକାରେ ପାର୍ବତୀଙ୍କୁ ଗ୍ରାମ ନିକଟ ଇଟା ଫ୍ୟାକ୍ଟ୍ରିର ପରିତ୍ୟକ୍ତ କୋଠରୀକୁ ଡାକି ନେଇ ଆକ୍ରମଣ କରିବା ସହ ପାର୍ବତୀଙ୍କ ମୁଣ୍ଡକୁ କାନ୍ଥରେ ପିଟି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାରୁ ସେ ଫେରାର ହୋଇଯାଇଥିଲା। ପାର୍ବତୀ ଗ୍ରାମରେ ଅନୁପସ୍ଥିତ ଥିବାରୁ କେତେଜଣ ବାବୁଲା ଉପରେ ସନ୍ଦେହ କରି ପୋଲିସ ଜଣାଇଥିଲେ। ପୋଲିସ ଅଭିଯୁକ୍ତ ବାବୁଲାଙ୍କୁ ଥାନା ମାମଲା ନଂ.୨୩୫/୨୪ ଅନୁଯାୟୀ ଗିରଫ କରିଥିଲା। ଶୁକ୍ରବାର ତଦନ୍ତକାରୀ ପୋଲିସ ଅଧିକାରୀ , ଏସ.ଆଇ ସୋଫିଆ ମିଶ୍ର ସଦଳବଳେ ପୋଲିସ ଅଭିଯୁକ୍ତ ବାବୁଲାଙ୍କୁ ଘଟଣାସ୍ଥଳକୁ ନେଇ କ୍ରାଇମ ରିକ୍ରିଏସନର ଭିଡିଓଗ୍ରାଫି କରିବା ପରେ କୋର୍ଟ ଚାଲାଣ କରିଥିଲେ। ଅଭିଯୁକ୍ତଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଯାଇଛି।

# ଇଣ୍ଟରନେଟ ସମସ୍ୟା, କାମରେ ଲାଗୁନି ମୋବାଇଲ ଟାୱାର

ପାରଳାଖେମୁଣ୍ଡି,୧।୬(ଗିରିଧାରୀ ପରିଚ୍ଛା)

ଭାରତ ଡିଜିଟାଲ ଇଣ୍ଡିଆ ସ୍ୱପ୍ନ ଦେଖୁଛି ହେଲେ ଏବେ ମଧ ଅନେକ ଅଞ୍ଚଳରେ ଲୋକେ ଇଣ୍ଟରନେଟ ସେବାତ ଦୁରର କଥା ମୋବାଇଲ ନେଟୱର୍କ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ଇଣ୍ଟରନେଟ ନଥିବାରୁ ଛାତ୍ରୀଛାତ୍ରମାନଙ୍କ ଅନଲାଇନ ପାଠପଢ଼ା ସହ ସରକାରୀ ଓ ବେସରକାରୀ କାର୍ଯ୍ୟ ହୋଇପାରୁନାହିଁ। ଗଜପତି ଜିଲାରେ ଆଜି ମଧ ବହୁ ଅଞ୍ଚଳରେ ମୋବାଇଲ ଟାୱାର ନଥିବା ଯୋଗୁ ଲୋକେ ବହୁ ସମସ୍ୟା ସମ୍ମୁଖୀନ ହେଉଛନ୍ତି। ଜିଲାର ୭ଟି ବ୍ଲକର ଅନେକ ପଞ୍ଚାୟତ ସ୍ତରରେ ମଧ ସମାନ ଅଭିଯୋଗ ଆସୁଛି। ଗୁମ୍ମା, ଗୋଷାଣୀ, ରାୟଗଡା, ମୋହନା ଆର.ଉଦୟଗିରି, ନୂଆଗଡ଼ ଓ କାଶୀନଗର ବ୍ଲକର ଅଧୀନ ଅନେକ ଅଞ୍ଚଳରେ ମୋବାଇଲ ଟାୱାର ରହିଛି କିନ୍ତୁ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଜିଲାର ବିଭିନ୍ନ ପଞ୍ଚାୟତଠାରେ ଏକ ବର୍ଷ ପୂର୍ବରୁ ଜିଓ ଓ ଏୟାରଟେଲ ଟାୱାର ସ୍ଥାପନ ହୋଇଥିଲେ ମଧ ଏ ପର୍ଯ୍ୟନ୍ତ ଲୋକଙ୍କ ସେବାରେ ଆସିପାରୁନି। ଜିଲାର ପ୍ରାୟ ସମସ୍ତ ବ୍ଲକ ପାହାଡ ପର୍ବତ ଘେରରେ ରହିଥିବା ବେଳେ ଏଠାରେ ମୋବାଇଲ ନେଟୱର୍କ ପ୍ରାୟ ଅଧିକା ଯାନ୍ତ୍ରିକ ତ୍ରୁଟି ଯୋଗୁ କାର୍ଯ୍ୟ କରିନଥାଏ । ଜିଲାଟି ଆଭ୍ୟନ୍ତରୀଣ ଅଞ୍ଚଳ ୭୦ପ୍ରତିଶତ ପାହାଡ଼ ପର୍ବତ ଘେର ଅଞ୍ଚଳ ଭାବେ ପରିଚିତ। ହେଲେ ବିଭାଗୀୟ ଅଧିକାରୀମାନଙ୍କ ଅବହେଳିତ ମନୋଭାବ ଯୋଗୁ ଟାୱାର ଗୁଡିକ ସ୍ଥାପନ ହୋଇଛି କିନ୍ତୁ କାର୍ଯ୍ୟକାରୀ ହେଉନି। ସ୍ଥାପିତ ଟାୱାର ଗୁଡିକରେ ଆଜିଯାଏ ନା କୌଣସି ପ୍ରକାର ମେସିନ ସଂଯୋଗ କରାଯାଇଛି ନା ନେଟୱର୍କ ବ୍ୟବସ୍ଥା ସୁଧାରାଯାଇଛି। କେବଳ ନାମକୁ ମାତ୍ର ଟାୱାର ପଡ଼ି ରହିଛି। ଏ ସମ୍ପର୍କରେ ବ୍ଲକ ପ୍ରଶାସନ ଜିଲା ପ୍ରଶାସନ ଓ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କୁ ଲିଖିତ ଭାବରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ନିର୍ବାଚନ ପୂର୍ବରୁ ଅନେକ ନେତା ମନ୍ତ୍ରୀ ଏ ବିଷୟରେ ପ୍ରତିଶ୍ରୁତି ଦିଅନ୍ତି କିନ୍ତୁ ବିଜୟ ଲାଭ କଲାପରେ ସବୁ ପ୍ରତିଶ୍ରୁତି ପାଣିର ଗାର ସଦୃଶ। ତେଣୁ ଶୀଘ୍ର ଏହି ମୋବାଇଲ ଟାୱାର ଗୁଡିକୁ କାର୍ଯ୍ୟକ୍ଷମ କରା ନଗଲେ ଆଗାମି ଦିନରେ ରାଜରାସ୍ତାକୁ ଓହ୍ଲାଇବା ନିମନ୍ତେ ଚେତାବନି ଦେଇଛନ୍ତି ଅଞ୍ଚଳବାସୀ। ୨୦୧୭ ତିତିଲି ମହାବାତ୍ୟା ସମୟରେ ଯୋଗାଯୋଗର ସମସ୍ତ ସାଧନ ଯେତେବେଳେ ବନ୍ଦ ହୋଇଯାଇଥିଲା ସେହି ସମୟରେ ଜିଲାର କୋଣ ଅନୁକୋଣକୁ ନେଟୱାର୍କ ସୁବିଧା ଯୋଗାଇବା ପାଇଁ ରାଜ୍ୟସରକାର ଓ କେନ୍ଦ୍ରସରକାର ପ୍ରତିଶ୍ରୁତି ବଦ୍ଧ ଥିଲେ କିନ୍ତୁ ଆଜି ତାହା ପାଣିରଗାର ହୋଇପଡିଛି । ଏମିତି କି ପାରଳାଖେମୁଣ୍ଡି ୫ଜି ଯୋଗାଇ ଦିଆଯିବ କୁହାଯାଇ ଏକ ବର୍ଷରୁ ଅଧିକ ସମୟ ହେଲାଣି କିନ୍ତୁ ତାହା ହେଲା ନାହିଁ।

# ୧୮ ମାସ ବିତିଲା, ନୂଆ ଥାନା କାମ ଆରମ୍ଭ ହେଲାନି





ଅସ୍ଥାୟୀ ଭାବେ ଖାଜାସାହିରେ ଚାଲିଥିବା ନିମଖଣ୍ଡି ଥାନା।



ନୂତନ ଥାନା ନିର୍ମାଣ ପାଇଁ ଚିହ୍ନଟ ହୋଇଥିବା ସ୍ଥାନ।

**ବ୍ରହ୍ମପୁର,୧୬(ସୁବାସ ଚନ୍ଦ୍ର ପାଢ଼ୀ):** ଲୋଚାପଡା ରାସ୍ତାରେ ନିମଖଣ୍ଡି ଥାନା ନୂତନ ଭାବେ ନିର୍ମାଣ କରାଯିବ ବୋଲି ପୋଲିସ ବିଭାଗ ପକ୍ଷରୁ କୁହାଯାଇଥିଲେ ବି ଏଯାଏଁ ଚିହ୍ନଟ ସ୍ଥାନରେ ମାଟି ମୁଠାଏ ପଡିନି। କେବଳ ସେଠାରୁ ଜବରଦଖଲ ଉଚ୍ଛେଦ କରାଯାଇ କାମ ସାରି ଦେଇଛି ପୋଲିସ ବିଭାଗ। ଇତିମଧ୍ୟରେ ୧୮ ମାସ ବିତିଯାଇଥିଲେ ବି ଥାନା ନିର୍ମାଣ କାମ ଆରମ୍ଭ ହୋଇ ନ ଥିବାରୁ ଲୋକଙ୍କ

## ଦ୍ୱରିତ ନ୍ୟାୟ ପାଇବା ଆଶା ମଉଳୁଛି

ଦ୍ୱରିତ ନ୍ୟାୟ ପାଇବା ଆଶା ମଉଳୁଛି। ଏପରିକି ନୂତନ ଥାନା ଅଧୀନରେ ଥିବା ଗ୍ରାମଗୁଡିକର ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୀଘ୍ର ଥାନା ନିର୍ମାଣ କାମ ଆରମ୍ଭ କରିବାକୁ ଦାବି ହୋଇଥିଲେ ମଧ୍ୟ ସୁଫଳ ମିଳିନି। ସଦର ଥାନା ଅଧୀନରେ ନିମଖଣ୍ଡି ଫାଣ୍ଡି ଥିଲା। ଲୋକଙ୍କୁ ଦ୍ୱରିତ ନ୍ୟାୟ ପ୍ରଦାନ ପାଇଁ କେତେଗୁଡିକଏ ଫାଣ୍ଡିକୁ ରୂପାନ୍ତରଣ କରାଯାଇ ଥାନା କରାଯାଇଥିଲା। ସେହି ଅନୁସାରେ ଟାଉନ ଥାନା ଅନ୍ତର୍ଗତ ଖାଜା ସାହିରେ ଥିବା ଉକ୍ତ ଫାଣ୍ଡିକୁ ରୂପାନ୍ତରଣ ଯୋଜନାରେ ସାମିଲ କରାଯାଇ ନିମଖଣ୍ଡି ଥାନା କରାଗଲା।୨୦୧୩ ଜାନୁଆରୀ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଏହାର ଉଦଘାଟନ କରିଥିଲେ। ଦକ୍ଷିଣାଞ୍ଚଳ ରେଞ୍ଜର ତତ୍କାଳୀନ ଆଇଜି ସତ୍ୟବ୍ରତ ଭୋଇ, ତତ୍କାଳୀନ ଏସପି ଓ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏସ୍‌ପି ଥାନାର ବିବରଣୀ ଦେଇ କହିଥିଲେ ଯେ, ଉକ୍ତ ଥାନା ଅଧୀନରେ ବର୍ତ୍ତମାନ କୁକୁଡାଖଣ୍ଡି ବ୍ଲକର ଜଗଦଲପୁର, ବୋରିଗାଁ, ନିମଖଣ୍ଡି, ଲୋଚାପଡା ଓ ହୁଗୁଳାପଟା ପଞ୍ଚାୟତ ରହିଛି। ଏଥିସହିତ ରଙ୍ଗେଇଲୁଣ୍ଡା ବ୍ଲକର ଭାବିନିପୁର, ସାତକୁଟଣି ଓ ଫୁଲଟା ପଞ୍ଚାୟତ ରହିଛି। ବ୍ରହ୍ମପୁର ମହାନଗର ନିଗମର ୨୮ ନମ୍ବର ୱାର୍ଡର ଦୁଇଟି ସାହି ରହିଛି। ଥାନାର ଅଞ୍ଚଳ ବଡ ହୋଇଥିବାରୁ ସଦର ଥାନା ଅଧୀନ ନିମଖଣ୍ଡ ଫାଣ୍ଡିକୁ ରୁପାନ୍ତରଣ କରାଯାଇ ନିମଖଣ୍ଡି ଥାନା କରାଯାଇଛି। ଉକ୍ତ ଥାନା ଅଧୀନ ଗ୍ରାମାଞ୍ଚଳ ଲୋକଙ୍କୁ ଦ୍ୱରିତ ନ୍ୟାୟ ପ୍ରଦାନ କରିବା ଏହାର ଉଦ୍ଦେଶ୍ୟ। ଏଥିସହିତ ପୋଲିସ ମଧ୍ୟ ଠିକ ଭାବେ ପାଟ୍ରୋଲିଂ କରି ଲୋକଙ୍କ ଧନଜୀବନ ସୁରକ୍ଷିତ ରଖିପାରିବ। ତତ୍କାଳୀନ ରେଞ୍ଜ ଆଇଜି ସତ୍ୟବ୍ରତ ଭୋଇ ବର୍ଷେ ଭିତରେ ନୂତନ ଥାନା କାର୍ଯ୍ୟକ୍ଷମ ହେବ ବୋଲି କହିଥିଲେ। ନୂତନ କୋଠା ପାଇଁ ଲୋଚାପଡା ରୋଡରେ ତହସିଲଦାରଙ୍କ ଜରିଆରେ ସ୍ଥାନ ଚିହ୍ନଟ ହୋଇଥିଲା। ସେଠାରେ ଜବରଦଖଲ କରିଥିବା ଲୋକଙ୍କୁ ହଟାଇ ଦିଆଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ସେଠି କୌଣସି ପ୍ରକାର କାମ ଆରମ୍ଭ ହୋଇନାହିଁ। ସେହି ପୁରୁଣା ଥାନାରେ କାର୍ଯ୍ୟ ଚାଲୁଛି।

## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ବ୍ରହ୍ମପୁର,୧୬(ସୁବାସ ଚନ୍ଦ୍ର ପାଢ଼ୀ): ଜଣେ ଯୁବକଙ୍କୁ କାଚ ବୋତଲରେ ଆକ୍ରମଣ କରିବା ଅଭିଯୋଗରେ ପୋଲିସ ବିଜିପୁର ରଥସାହିର ୱାଇ ଶିବା ରାଓଙ୍କୁ ଶନିବାର ଗିରଫ କରିଛି। ମାମଲା ନଂ.୧୬୭/୨୪ରେ ଏକ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଫେରାର ଥିବା ତାଙ୍କ ସହଯୋଗୀଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି। ଗତ ୧୫ତାରିଖ ସନ୍ଧ୍ୟାରେ ବିଜିପୁର କେନାଲ ସାହିର ବସନ୍ତ ବେହେରା ସ୍ଥାନୀୟ ବଜାରରେ ସଉଦା କିଣୁଥିଲେ। ସେହି ସମୟରେ ତାଙ୍କୁ ଶିବା ଓ ତାଙ୍କର ଅନ୍ୟ ଜଣେ ସହଯୋଗୀ ଗାଳିଗୁଲଜ କରିବା ସହ କାଚ ବୋତଲରେ ମୁଣ୍ଡକୁ ପିଟିଥିଲେ। ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହେବାରୁ ବସନ୍ତଙ୍କୁ ଉଦ୍ଧାର କରି ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ସୁସ୍ଥ ହେବା ପରେ ଘଟଣାକୁ ନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ପୂର୍ବତନ ସରପଞ୍ଚଙ୍କ ଘରୁ ଟଙ୍କା, ସୁନା ଲୁଟ୍

ଗୋପାଳପୁର,୧୬(ନବୀନ ରାଜ ଆଚାରୀ) ଗୋପାଳପୁର ଥାନା ଅଞ୍ଚଳରେ ଗତ କିଛିଦିନ ହେଲା ଚୋରି ବଢ଼ିବାରେ ଲାଗିଛି। ଆରୁଆପଲ୍ଲୀ ଗ୍ରାମର ପୂର୍ବତନ ସରପଞ୍ଚ ପ୍ରକାଶ ରଣାଙ୍କ ଘରୁ ବଡ଼ଧରଣ ଚୋରି ହୋଇଥିବା ନେଇ ତାଙ୍କ ଝିଅ ପିନାକୀ ରଣା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗତ ୨୯ ତାରିଖରେ ପୂର୍ବତନ ସରପଞ୍ଚ ଓ ତାଙ୍କ ପରିବାର ଲୋକେ ଜଣେ ସମ୍ପର୍କୀୟଙ୍କ ଘରୁ ଯାଇ ୩୦ତାରିଖ ସକାଳେ ଫେରିଥିଲେ। ତେବେ ତାଙ୍କ ଦାଣ୍ଡପଟ କବାଟ ଭାଙ୍ଗି କେହି ଦୁର୍ବୃତ୍ତ ଘରେ ପଶି ସୁନା ଅଳଙ୍କାର ଓ ୫୧ ହଜାର ୮୦୦ଟଙ୍କା ଚୋରାଇ ନେଇଥିବା ଜାଣିବା ପରେ ଝିଅ ପିନାକୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୭୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

### ଟ୍ରକ୍ ଡ୍ରାଇଭରଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାପଡ଼ାହାଣ୍ଡି,୧୬ (ସ୍ୱପ୍ନଜିତ ପଟ୍ଟନାୟକ)** ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ମୃଗ ବିହାର ନିକଟରେ ଶନିବାର ଜଣେ ଟ୍ରକ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତେଲେଙ୍ଗାନା ନାଲଗଣ୍ଡାର ଭେଙ୍କେଟ ରେଡ୍ଡୀ। ସୂଚନାନୁଯାୟୀ, ଭେଙ୍କେଟ ଏକ ଟ୍ରକ୍ (ଟିଏସ୍-୩୬ଟି-୬୪୯୯)ରେ ଝାରସୁଗୁଡାରୁ ପାଇପ ଲୋଡ୍ ଧରି ଚେନ୍ନାଇ ବାହାରିଥିଲେ। ପାପଡ଼ାହାଣ୍ଡି ମୃଗ ବିହାର ନିକଟରେ ଟ୍ରକ ରଖି ନିତ୍ୟକର୍ମ ସାରି ରୋଷଇ କରିଥିଲେ। କିଛି ସମୟ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପାପଡ଼ାହାଣ୍ଡି ପୋଲିସ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚିଛି। ମୃତ୍ୟୁ କାରଣ ଅସ୍ପଷ୍ଟ ରହିଛି। ମୃତକଙ୍କ ପରିବାର ଲୋକେ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ପୋଲିସ ସୂଚନା ଦେଇଛି।

# ଶିବାନନ୍ଦ ସରସ୍ୱତୀଙ୍କ ସନ୍ନ୍ୟାସୀ ଦୀକ୍ଷା ଦିବସ



ବ୍ରହ୍ମପୁର,୧୬(ସ୍ମୃତି ରଞ୍ଜନ ମହାଲିକ) ଶିବାନନ୍ଦ ସରସ୍ୱତୀଙ୍କ ୧୦୦ତମ ସନ୍ନ୍ୟାସୀ ଦୀକ୍ଷା ଦିବସ ଶନିବାର ଦିବ୍ୟ ଜୀବନ ସଂଘ ଲାଞ୍ଜିପଲୀ ଶାଖା ପକ୍ଷରୁ ଲାଞ୍ଜିପଲ୍ଲୀ ନୂଆବନ୍ଧ ସ୍ଥିତ ହନୁମାନ ମନ୍ଦିର ପରିସରରେ ପାଳିତ ହୋଇଯାଇଛି। କଥା ବାଚକ ସ୍ୱାମୀ ହରି ଶରଣାନନ୍ଦ ସରସ୍ୱତୀ ମହାରାଜଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜୟ ଗଣେଶ କୀର୍ତ୍ତନ, ଗୁରୁସ୍ତୋତ, ସୁକ୍ତୋ ଶନିଶ୍ଚୋର ସ୍ତୋତମ, ଭଜନ କୀର୍ତ୍ତନ ଓ ରାମ ଚରିତ ମାନସ ସହ ବିଶ୍ୱର କଲ୍ୟାଣ ନିମନ୍ତେ ମହାମୃତ୍ୟୁଞ୍ଜୟ ମନ୍ତ୍ର, ସଫଳତାର ମନ୍ତ୍ର, ଦେବୀ ମନ୍ତ୍ର ଓ ଶାନ୍ତି ମନ୍ତ୍ର ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିବାନନ୍ଦ ସରସ୍ୱତୀଙ୍କ ଆଧାତ୍ମିକ ଚେତନା ସମ୍ପର୍କରେ ମତ ପ୍ରକାଶ ପାଇଥିଲା। ଶିବାଜୀ ଭୂଷଣ ବେହେରା, ପ୍ରଦୀପ ମହାରଣା, ଡି ଚିନୀମା ରେଡି, ବି ଚନ୍ଦ୍ରଶେଖର ରେଡି ପ୍ରମୁଖ ସହଯୋଗ କରିଥିଲେ।

# ବ୍ରହ୍ମପୁରରେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

ବ୍ରହ୍ମପୁର,୧୬(ନରସିଂହ ସାହୁ) ବ୍ରହ୍ମପୁର ମହାନଗରରେ ଡ୍ରେନଗୁଡ଼ିକର ଅବସ୍ଥା ଶୋଚନୀୟ ହୋଇଯାଇଛି। ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମାପାଣି ରାସ୍ତାରେ ଲହଡ଼ି ମାରୁଛି ଏବଂ ବିଭିନ୍ନ ସମୟରେ ଖାଲୁଆ ଅଞ୍ଚଳର ମଇଳା ପାଣି ଘରେ ପଶୁଥିବା ନଜିର ରହିଛି। ଚଳିତବର୍ଷର ମୌସୁମୀ ନିକଟତର ହୋଇଥିବାରୁ ଏହା ସହରବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ନଚେତ ବଡ଼ଧରଣର ବର୍ଷା ହେଲେ ପୁଣି କୃତ୍ରିମ ବନ୍ୟା ସ୍ଥିତି ହେବ ବୋଲି ସତର୍କ କରି ଦିଆଯାଇଛି।

ପ୍ରତିବର୍ଷ ଡ୍ରେନ ମରାମତି ଓ ସଫେଇ ନିମନ୍ତେ ବିପୁଳ ପରିମାଣର ଟଙ୍କା ବିଇଏମସି ପକ୍ଷରୁ ବ୍ୟୟ କରାଯାଉଛି। ନିୟମ ପ୍ରକାରେ ଡ୍ରେନ ଉପରେ ସିମେଣ୍ଟ ପ୍ଲେଟ ପଡିଛି। ତେବେ ପ୍ରତିଦିନ ସଫା କରାଯାଉ ନ ଥିବାରୁ ବର୍ଷା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି ଏବଂ ମଶା ବଂଶ ବଢ଼ିବାରେ ଲାଗିଛି। ମୁଖ୍ୟତଃ ଗୋଷାଣି ନୂଆଗାଁ, ନୀଳକଣ୍ଠ ନଗର, ଅଶୋକ ନଗର, ଗୋଦାବରିଷନଗର, ନେହେରୁ ନଗର, ଗେଟ ବଜାର, ପୁରୁଣା ବ୍ରହ୍ମପୁର, ବିଜିପୁର ଭଳି ରେଶମ ନଗରର ଅର୍ଦ୍ଧେକ ଅଞ୍ଚଳରେ ବାସିନ୍ଦାମାନେ ଅଣନିଃଶ୍ୱାସୀ ହେଉଛନ୍ତି। ସଂକ୍ରମଣ ମଧ୍ୟ ବ୍ୟାପୁଛି। ମେୟର ଓ କର୍ପୋରେଟରଙ୍କ କାର୍ଯ୍ୟକାଳ ଏବେ ଦୁଇ ବର୍ଷ ପୂରିଛି। ଜନ ସମସ୍ୟାର ସମାଧାନ ନିୟମିତ କର୍ପୋରେଟରଙ୍କ ବୈଠକ ହେଉନାହିଁ। କାଁ ଭାଁ ବୈଠକ ହେଉଥିଲେ ମଧ୍ୟ ମହାନଗର ସମସ୍ୟା ନେଇ ଆଲୋଚନା କରୁନାହାନ୍ତି। ସହରର ଉତ୍ତର ପଟରେ ବାହାନା ନାଳ ଓ ଦକ୍ଷିଣ ପଟରେ ସାପୁଆ ନାଳ ଅଛି। ଏହି ଦୁଇ ନାଳ ବ୍ରହ୍ମପୁରକୁ ବିପଦ ହୋଇଛି। ୨୦୦୩ରେ ବର୍ଷା ବିପ୍ରାତ ହୋଇଥିଲା। ବାହାନା ନାଳ ପାଣି ଗଜପତି ନଗର, ସିଦ୍ଧାର୍ଥ ନଗର, କଳିଙ୍ଗ ନଗର ସମେତ ଅନେକ ଖାଲୁଆ ଅଞ୍ଚଳର ଘରେ ପଶି ସମସ୍ୟା ସୃଷ୍ଟି କରିଥିଲା। ସପ୍ତାହରୁ ଅଧିକ ଦିନ ଲୋକେ ଜଳବନ୍ଦୀ ହୋଇଥିଲେ। ସ୍ଥିତି ସଙ୍ଗୀନ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସି ଅନୁଧ୍ୟାନ କରିଥିଲେ। ସେନାବାହିନୀ ଦ୍ୱାରା ଉଦ୍ଧାର କାର୍ଯ୍ୟ ସାଙ୍ଗକୁ ଆକାଶ ମାର୍ଗରୁ ଖାଦ୍ୟ ପୁଡ଼ିଆ ବଣ୍ଟା ଯାଇଥିଲା। ଏହାର ଦୁଇ ଦଶନ୍ଧି ବିତିଛି ଏବଂ ଶହ ଶହ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ସତ୍ତ୍ୱେ ବାହାନା ନାଳ ସମସ୍ୟା ଅପରିବର୍ତ୍ତିତ ରହିଛି। ସମସ୍ୟା ସମାଧାନ ଲାଗି ତୁରନ୍ତ ନିଗମର ସାଧାରଣ ବୈଠକ ଡାକି ଆଗୁଆ ପଦକ୍ଷେପ ନେବାକୁ ଭାଜପା ନେତା ତଥା ରାଜ୍ୟ ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା ଦାବି କରିଛନ୍ତି।

# ମା'ଙ୍କ ଘଟ ପରିକ୍ରମା ଆରମ୍ଭ



ଅସ୍ଥାୟୀ ମଣ୍ଡପରେ ମା'।

**ବ୍ରହ୍ମପୁର,୧୬(ସ୍ମୃତି ରଞ୍ଜନ ମହାଲିକ):**

## କନକ ଦୁର୍ଗାଙ୍କ ଯାତ୍ରାର ୩ୟ ଦିନ

ଆଙ୍କୋଲି ଗ୍ରାମରେ ମା' କନକ ଦୁର୍ଗାଙ୍କ ଦ୍ୱିବାର୍ଷିକ ଯାତ୍ରାର ଶନିବାର ୩ୟ ଦିନରେ ସନ୍ଧ୍ୟା ଆଳତି ଦେଖିବାକୁ ବହୁ ଭକ୍ତଙ୍କ ଭିଡ ଜମିଥିଲା। ଶଶାଙ୍କ ମଣ୍ଡଳ ଦାତାଙ୍କ ଦ୍ୱାରା ସନ୍ଧ୍ୟା ଆଳତୀ ଆୟୋଜିତ ହୋଇଥିଲା। ଶନିବାର ମା'ଙ୍କର ଘଟ ପରିକ୍ରମା ହୋଇଥିଲା। ପ୍ରଥମ ଦିନରେ ନୂଆ ସାହି, ବନ୍ଧ ସାହି, ହନୁମାନ ନଗର ଓ କାଜି ସାହିରେ ମା ପରିକ୍ରମା କରିଥିଲେ। ୩ୟ ଦିନ ଯାତ୍ରାରେ ମୁଖ୍ୟ ଅତିଥି ରୂପେ ରାଜ୍ୟ କାଜୁ ନିଗମ ଉନ୍ନୟନ ଅଧ୍ୟକ୍ଷ ସୁବାସ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ରାତ୍ରିରେ ମା'ଙ୍କର ଘଟ ପରିକ୍ରମା ସରିବା ପରେ ଅସ୍ଥାୟୀ ମନ୍ଦିରରେ ବିଶ୍ରାମ ନେଇଥିଲେ। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନ ପ୍ରସାଦର ଆୟୋଜନ କରାଯାଉଥିବା ଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଯାତ୍ରାରେ ଆଇନ ଶୃଙ୍ଖଳା ।କ୍ଷା ଲାଗି ସିସିଭି କ୍ୟାମେରା ଓ ପୋଲିସ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। କମିଟିର ସମସ୍ତ ସଦସ୍ୟ ଯାତ୍ରା ପରିଚାଳନାରେ ସହଯୋଗ କରୁଛନ୍ତି ।

# ଯାନ୍ତ୍ରିକ ତ୍ରୁଟିରୁ ଅଟକିଲା ଟ୍ରେନ୍, ଲୋକେ ହନ୍ତସନ୍ତ

ରମ୍ଭା,୧୬ (ବନବାସୀ ସେଠୀ)





ରେଳ ଫାଟକରେ ଅଟକି ରହିଥିବା ଟ୍ରେନ ।

ରମ୍ଭା ରେଳ ଷ୍ଟେଶନରଠାରୁ କିଛି ଦୂର ସାବୁଳିଆ ରେଳ ଫାଟକ ନିକଟରେ ଶନିବାର ଶନିବାର ପୂର୍ବାହ୍ନ ୧୧ଟାରେ ହାୱାଡା -ଚେନ୍ନାଇ -ଶାଲିମାର ସୁପରଫାଷ୍ଟ ଟ୍ରେନ ପ୍ରାୟ ୪୦ ମିନିଟ ଅଟକି ରହିଥିଲା। ଏସି ଟୁ ଟାଇର୍ କୋଚର ଏ/୩ ବଗିରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେବାରୁ ଟ୍ରେନ ଅଟକି ରହିବା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଥିସହିତ ସାବୁଳିଆ ରେଳ ଫାଟକର ଉଭୟ ପାର୍ଶ୍ୱରେ ଗାଡିମୋଟର ଓ ବାଟୋଇ ବହୁ ସମୟ ଅପେକ୍ଷା କରି ରହିଥିଲେ। ଟ୍ରେନ ଗାର୍ଡ, କର୍ମରତ କର୍ମଚାରୀ ତ୍ରୁଟି ଅନୁଧ୍ୟାନ କରି ମରାମତି ପରେ ଗନ୍ତବ୍ୟ ସ୍ଥଳକୁ ଟ୍ରେନ୍ ଛାଡିଥିଲା।

# ୬ ଦିନରେ ମା'ରାମାୟାଣାମ୍ମାଙ୍କ ଯାତ୍ରା

**ଛତ୍ରପୁର,୧୬(ଦିଲୀପ ସାମଲ) :** ଛତ୍ରପୁର ସହରର ଅଧିଷ୍ଠାତ୍ରୀ ଦେବୀ ମା'ରାମାୟାଣାମ୍ମାଙ୍କ ଯାତ୍ରା ଶନିବାର ୬ଦିନରେ ପହଞ୍ଚିଛି। ମା'ଙ୍କ ଘଟ ବିଭିନ୍ନ ସାହି ଭ୍ରମଣ କରିବା ବେଳେ ଭୋଗ ଲାଗି ହେଉଛି। ଶନିବାର ମା'ଙ୍କ ଘଟ ଅସ୍ଥାୟୀ ଯାତ୍ରା ମଣ୍ଡପରୁ ବାହାରି ମେନ୍ ରୋଡ୍ ଦେଇ କାରିଣୀ ସାହି, ଆଟୁଲି ସାହି ଓ ଭାସ୍କର ପେଟାରେ ଘରକୁ ଘର ବୁଲି ମା' ଭୋଗ ଗ୍ରହଣ କରିଛନ୍ତି । ପୂର୍ବାହ୍ନରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଦହି ଭାତ ଭୋଗ କରାଯାଇଥିଲା। ପରେ ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜାର୍ଚ୍ଚନା ଓ ଆଳତୀ ହୋଇଥିଲା। ପରେ ମା' ଅସ୍ଥାୟୀ ମଣ୍ଡପରୁ ବାହାରି ଏକ ବିରାଟ ପଟୁଆରରେ ଯାଇ ସାହି ପରିକ୍ରମା କରିଥିଲେ। ମା'ଙ୍କ ଯାତ୍ରା ଦେଖିବା ପାଇଁ ଛତ୍ରପୁର ସହର ଏବଂ ଆଖପାଖ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଛତ୍ରପୁର ଥାନାର ବହୁ ପୋଲିସ୍ କର୍ମଚାରୀ ମାନେ ଓ

## ୩ ସାହିରେ ମା'ଙ୍କ ଘଟ ପରିକ୍ରମା





ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଯାତ୍ରା କମିଟିର ମ୍ୟାନେଜର ସିଏଚ୍.ଦୟାନନ୍ଦ ରେଡ୍ଡୀ, ଆସିଷ୍ଟାଣ୍ଟ ମ୍ୟାନେଜର ଏମ୍.ସମରେନ୍ଦ୍ର ସେନାପତି, କୋଷାଧ୍ୟକ୍ଷ ପି.ରାଜୁଙ୍କ ସମେତ କମିଟିର ଅନ୍ୟାନ୍ୟ ସଦସ୍ୟ ମାନେ ପରିଚାଳନା କରୁଛନ୍ତି।

# ପିଲା ଦେଲେ ତମାଖୁ ସଚେତନତା ବାର୍ତ୍ତା

ଛତ୍ରପୁର,୧୬(ଦିଲୀପ ସାମଲ)



ତମାଖୁର କୁପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ ୩୧ ତାରିଖକୁ ବିଶ୍ୱ ତମାଖୁ ନିରୋଧ ଦିବସ ରୂପେ ପାଳନ କରାଯାଉଛି। ଛତ୍ରପୁରରେ 'ତମାଖୁମୁକ୍ତ ଶୈଶବ' ବାର୍ତ୍ତାକୁ ସମାଜରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଛୋଟ ଛୋଟ ପିଲାମାନେ ତମାଖୁ ସଂପର୍କିତ ବିଭିନ୍ନ ସ୍ଲୋଗାନ ଥିବା ପ୍ଲାକାର୍ଡ ଧରି କଲୋନୀ ବୁଲିବା ସହ ତମାଖୁ ଠାରୁ ଦୂରେଇ ରହିବା ପାଇଁ ସାମାଜିକ ଗଣମାଧ୍ୟମରେ ଅନୁରୋଧ କରିଥିଲେ। ୟୁଥ୍ ଫର୍ ଭିଲେଜ୍ ପ୍ରତିଷ୍ଠାତା ତଥା ନିଶା ମୁକ୍ତି ଯୁବ ସଂକଳ୍ପ ଅନୁଷ୍ଠାନର ସର୍ଙ୍କଳ୍ପି ଡି ଦେବହରି ରେଡ୍ଡୀଙ୍କ ସଂଯୋଜନାରେ ଛତ୍ରପୁରସ୍ଥିତ ନୂଆ ମେଡିକାଲ କଲୋନୀର ଛୋଟ ପିଲା ଡି. ବ୍ରିଶାଙ୍କ ରେଡ୍ଡୀ, ଧର୍ମେଶ ରାଜୁ, ଆନୁଶ୍ରି ଦିଗାଲ, ଅଭିରାମ ଦାସ, ପ୍ରତିଭାରାଣୀ ପଣ୍ଡା ଓ ଶିବାଂଶୁ ପଟ୍ଟନାୟକ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

